# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th September – 2025

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଚାଷୀଙ୍କ ସମସ୍ୟା ଓ ସାର ଯୋଗାଣ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ମୁଲତବୀ
- ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣରେ ୨୧ ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଗ୍ରୀନ୍ ଫିଲ୍ଡ ସାଟେଲାଇଟ୍ ବନ୍ଦର
- ପ୍ରଧାନମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ପୁଲିସ ମହାନିର୍ଦ୍ଦେଶକ

ଏବଂ

- ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ପବିତ୍ର କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

# ବିଧାନସଭା

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନର ତୃତୀୟ ଦିନରେ ଆଜି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ବୈଠକ ଆରମ୍ଭ ହେବା ମାତ୍ରକେ ବିରୋଧୀ ଦଳର ସଦସ୍ୟମାନେ ଚାଷୀଙ୍କ ସମସ୍ୟା ଏବଂ ସାର ଅଭାବ ପ୍ରସଙ୍ଗ ନେଇ ସ୍ୱତନ୍ତ୍ର ଆଲୋଚନା ଦାବି କରି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଅଚଳାବସ୍ଥା ଏଡ଼ାଇବା ପାଇଁ ଗୃହକୁ ପ୍ରଥମେ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖିବା ସମୟରେ ବିରୋଧୀ ବିଧାୟକମାନେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ପ୍ରଥମାର୍ଦ୍ଧରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ ହୋଇଥିଲା। ପ୍ରଥମେ ବାଚସ୍ପତି ସୁରମା ପାଢ଼ି ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତଃ ତିର୍କୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ।

Desk

## ଜାହାଜ ପ୍ରକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜୁରାଟର ଭାବନଗରଠାରେ ସମୁଦ୍ରରୁ ସମୃଦ୍ଧି କାର୍ଯ୍ୟକ୍ରମରେ ଯୋଗଦେଇ ସାମୁଦ୍ରିକ କ୍ଷେତ୍ରକୁ ପ୍ରୋତ୍ସାହନ କରିବା ଲାଗି ୩୪ ହଜାର ୨୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣଠାରେ ପ୍ରାୟ ୨୧ ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ୧୫୦ ମିଲିୟନ୍ ମେଟ୍ରିକ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଫିଲ୍ଡ ସାଟେଲାଇଟ୍ ବନ୍ଦର ନିର୍ମାଣ ପାଇଁ ପାରାଦ୍ୱୀପ ବନ୍ଦର ଓ ଓଡ଼ିଶା ସାମୁଦ୍ରିକ ପରିଷଦ ଏବଂ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଓଡ଼ିଶାକୁ ଜାହାଜ ନିର୍ମାଣ କ୍ଷେତ୍ରରେ ବିଶ୍ୱସ୍ତରୀୟ କେନ୍ଦ୍ର ରୂପେ ପରିଣତ କରିବା ତଥା ୨୦୪୭ ମସିହା ସୁଦ୍ଧା ଭାରତକୁ ବିଶ୍ୱର ଶୀର୍ଷ ୫ଟି ଜାହାଜ ନିର୍ମାଣକାରୀ ଦେଶ ମଧ୍ୟରେ ସ୍ଥାନ ପ୍ରଦାନ କରିବା, ବ୍ୟାପକ ନିଯୁକ୍ତି ସୃଷ୍ଟିକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାର ମହାନଦୀ ଉତ୍ତରକୂଳରେ ଜାତୀୟ ଜାହାଜ ନିର୍ମାଣ କ୍ଲଷ୍ଟର ବିକାଶ ପାଇଁ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

Ganjam

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ରହ୍ମଗସ୍ତ ପୂର୍ବରୁ ଆଜି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ

ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଶ୍ରୀ ଖୁରାନିଆ ଏହି ଅବସରରେ କହିଛନ୍ତି...

**- V/O -**

ପ୍ରଧାନମନ୍ତ୍ରୀ ଆସନ୍ତା ୨୭ ତାରିଖ ଦିନ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାଠାରେ ହେବାକୁ ଥିବା ସେବାପର୍ବ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଦେଶର ୮ଟି ଆଇ.ଆଇ.ଟି.ଗୁଡ଼ିକର କ୍ଷମତା ସମ୍ପ୍ରସାରଣ, କୋରାପୁଟ–ବାଇଗୁଡ଼ା ଦୋହରୀକରଣ, ବିଏସ୍ଏନ୍ଏଲ୍ ଦ୍ୱାରା ଦେଶବ୍ୟାପୀ ସ୍ୱଦେଶୀ ୪ଜି ନେଟୱାର୍କ ସେବାର ଲୋକାର୍ପଣ, ଏମ୍.କେ.ସି.ଜି. ଭୀମସାର୍ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ ସୁପରସ୍ପେଶିଆଲିଟି ମାନ୍ୟତା ଘୋଷଣା, ଦେଶବ୍ୟାପୀ ଦକ୍ଷତା ବିକାଶ ପ୍ରକଳ୍ପର ଉଦ୍‌ଘାଟନ ସହ ଅନ୍ତୋଦ୍ୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରିବେ।

Nuapada

## ରାଜେନ୍ଦ୍ର ପ୍ରସାଦ–ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଦିନିକିଆ ନୂଆପଡ଼ା ଗସ୍ତରେ ଯାଇ ସ୍ୱର୍ଗତଃ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ, ନୂଆପଡ଼ାର ବିଧାୟକ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଗତ ୮ ତାରିଖରେ ପରଲୋକ ହୋଇଥିଲା।

BBSR/R

## ରେଳପଥ ବିସ୍ତୃତ ଯୋଜନା

କୋଣାର୍କ ଭୁବନେଶ୍ୱର ରେଳପଥର ବିସ୍ତୃତ ଯୋଜନା ରିପୋର୍ଟ ପାଇଁ ଗୋପ ଓ ନିମାପଡ଼ାରେ ଚୂଡ଼ାନ୍ତ ସ୍ଥାନ ସର୍ବେକ୍ଷଣ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିଛି। ଭୁବନେଶ୍ୱର-କୋଣାର୍କ ରେଳପଥକୁ ନିମାପଡ଼ା ଓ ଗୋପ ସହ ସଂଯୁକ୍ତ କରିବା ପାଇଁ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା' ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ହେବା ସହ ଆଞ୍ଚଳିକ ପରିବହନ ଓ ଯୋଗାଯୋଗ ସୁଦୃଢ଼ ହୋଇପାରିବ ବୋଲି ଶ୍ରୀମତୀ ପରିଡ଼ା ପତ୍ରରେ ଉଲ୍ଲେଖ କରିଥିଲେ। ରେଳ ମନ୍ତ୍ରଣାଳୟ ଏହାକୁ ମଞ୍ଜୁରୀ ଦେବା ପରେ ଉପମୁଖ୍ୟମନ୍ତ୍ରୀ' ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

Puri

## ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ପବିତ୍ର କାର୍ତ୍ତିକ ମାସ ନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାୟୀ, ଆସନ୍ତା ଅକ୍ଟୋବର ମାସ ୩ ତାରିଖରୁ ନଭେମ୍ବର ମାସ ୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଭୋର୍ ୪ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ହେବ। ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ମଧ୍ୟରେ ରାଧା ଦାମୋଦର ବେଶ ଏବଂ ସକାଳ ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ବାଲଧୂପ ନୀତି ଶେଷ ହେବ। ଅକ୍ଟୋବର ୨୭ ତାରିଖ ସୋମବାର ଦିନ ମହାପ୍ରଭୁଙ୍କ ଅବକାଶ ନୀତି ପରେ ହରିହର ବେଶ, ନଭେମ୍ବର ୨ ତାରିଖରେ

ଲକ୍ଷ୍ମୀନାରାୟଣ ବେଶ ସହ ହରି ଉତ୍ଥାପନ ନୀତି, ୪ ତାରିଖରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ ୫ ତାରିଖରେ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ । ଏଥିପାଇଁ  ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିକାନ୍ତି ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

Puri

## ମହାଳୟ ଅମାବାସ୍ୟା

ଦେଶବ୍ୟାପୀ ଆସନ୍ତାକାଲି ପବିତ୍ର ମହାଳୟା ଅମାବାସ୍ୟା ପାଳନ କରାଯିବ । ଆଶ୍ୱିନ ମାସ କୃଷପକ୍ଷ ପ୍ରତିପଦା ତିଥିଠାରୁ ଆସନ୍ତାକାଲି ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ ଭାବେ ପାଳନ କରାଯାଉଛି । ଏହି ପକ୍ଷରେ ଶ୍ରାଦ୍ଧ ଓ ତିଳତର୍ପଣ କଲେ ପିତୃପୁରୁଷ ମୁକ୍ତିଲାଭ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବା ପାଇଁ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରକୁ ପିଣ୍ଡଦାନ ପାଇଁ ଆସିଥାନ୍ତି ।  ମହୋଦଧି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର, ଶ୍ୱେତଗଙ୍ଗା, ମାର୍କଣ୍ଡେୟ ପୁଷ୍କରିଣୀରେ ଶ୍ରାଦ୍ଧ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି ।

# ସେବା ପର୍ବ-ଡିଜିଟାଲ ହେଲ୍‌ଥ ଇକୋସିଷ୍ଟମ୍

ସେବା ଓ ସୁ-ଶାସନ ମନ୍ତ୍ର ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଓ ପ୍ରଗତି ଆଣିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆଜି ଆସନ୍ତୁ ଶୁଣିବା ଡିଜିଟାଲ୍ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼

କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ।

ପ୍ରଯୁକ୍ତି ବିଦ୍ୟାର ଉପଯୋଗ, ନୀତି ସଂସ୍କାର ଏବଂ ସରକାରଙ୍କ ଦୃଢ଼ ପଦକ୍ଷେପ ଦ୍ୱାରା ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ବରିବର୍ତ୍ତନ ଘଟିଛି । ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ପରିବର୍ତ୍ତନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଅଧିକ ସହଜ ଏବଂ ସରଳ କରିପାରିଛି । ୨୦୨୧ ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍‌ର ଶୁଭାରମ୍ଭ କରିଥିଲେ । ସରକାରୀ ଓ ଘରୋଇ କ୍ଷେତ୍ର ମଧ୍ୟରେ ସକ୍ରିୟ ସହଯୋଗ ମାଧ୍ୟମରେ ଦେଶରେ ସୁଦୃଢ଼ ଡିଜିଟାଲ୍ ସ୍ୱାସ୍ଥ୍ୟ ଇକୋସିଷ୍ଟମ୍‌କୁ ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ଏହି ମିଶନ୍ କାର୍ଯ୍ୟକାରୀ କରାଯାଇଛି । ମିଶନ୍‌ର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏଭଳି ପଦକ୍ଷେପ ଦେଶର ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ହେବା ସହ ଡିଜିଟାଲ୍ ସ୍ୱାସ୍ଥ୍ୟ ସମ୍ପର୍କିତ ସମାଧାନ ସମ୍ଭବ ହୋଇପାରିବ ।

**V/O-3--SEVA-PARV-PM**

୨୦୨୧ରୁ ୨୦୨୬ ପାଞ୍ଚ ବର୍ଷ ମଧ୍ୟରେ ଏକ ହଜାର ୬୦୦ କୋଟି ଟଙ୍କାର ଯୋଜନାବଦ୍ଧ ବ୍ୟୟ ସହିତ ଦେଶରେ ବିକଶିତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ହେଉଛି ଏହି ମିଶନ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

ଏପର୍ଯ୍ୟନ୍ତ ୮୦ କୋଟିରୁ ଅଧିକ ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ ସୃଷ୍ଟି କରାଯାଇପାରିଛି । ଏଥିରେ ୭୧ କୋଟିରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ଜନିତ ତଥ୍ୟ ସ୍ଥାନୀତ ହୋଇଛି । ଇ-ସଂଜୀବନୀ ପ୍ଲାଟଫର୍ମ ଭୌଗଳିକ ସୀମା ଅତିକ୍ରମ କରି ଦେଶରେ ଜାତୀୟ ଟେଲି ମେଡିସିନ୍ ସେବା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

Desk

## ଜିଏସ୍‌ଟି-ରେଲୱେ

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରର ସୁଫଳ ଯାତ୍ରୀଙ୍କୁ ସିଧାସଳଖ ପ୍ରଦାନ କରିବା ଲକ୍ଷ୍ୟ ନେଇ ରେଳ ମନ୍ତ୍ରଣାଳୟ ପ୍ୟାକେଜ୍ ପାନୀୟ ଜଳର ବିକ୍ରୟ ମୂଲ୍ୟ ହ୍ରାସ କରିବାକୁ ଘୋଷଣା କରିଛି । ଟ୍ରେନ୍ ଏବଂ ରେଳ ଷ୍ଟେସନ୍ ପରିସରରେ ଉପଲବ୍ଧ ହେଉଥିବା ପ୍ୟାକେଜ୍ ପାନୀୟଜଳ ଗୁଡ଼ିକ ଉପରେ ଏହା ଲାଗୁ ହେବ । ଏହି ନିଷ୍ପତ୍ତି ଫଳରେ ଏଣିକି ପ୍ୟାକେଜ୍ ପାନୀୟ ଜଳ ବୋତଲ 'ରେଳନିର୍' ଏବଂ ଅନ୍ୟ ସମସ୍ତ ବ୍ରାଣ୍ଡର ଏକ ଲିଟର ପାଣି ବୋତଲର ମୂଲ୍ୟ ୧୪ଟଙ୍କା ହେବ। ଯାହାକି ପୂର୍ବରୁ ୧୫ଟଙ୍କା ଥିଲା । ୫୦୦ ମିଲିଲିଟର ପାଣି ବୋତଲର ମୂଲ୍ୟ ୧୦ଟଙ୍କା ପରିବର୍ତ୍ତେ ୯ଟଙ୍କା ହେବ । ଏହି ସଂଶୋଧିତ ମୂଲ୍ୟ ଆସନ୍ତା ସୋମବାର ଠାରୁ କାର୍ଯ୍ୟକାରୀ ହେବ ବୋଲି ରେଳ ମନ୍ତ୍ରଣାଳୟ କହିଛି ।

Boudh

## ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ ବାଣିଜ୍ୟକର, ଦ୍ରବ୍ୟ ଓ ସେବାକର ମଣ୍ଡଳ ପକ୍ଷରୁ ଏକ ଜିଏସ୍‌ଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସମ୍ବଲପୁର ଜିଏସ୍‌ଟି

ବିଭାଗର ଅତିରିକ୍ତ ଆୟୁକ୍ତ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବେଳେ ସମ୍ମାନିତ ଅତିଥିଭାବେ ବୌଦ୍ଧ ଯୁଗ୍ମ ଆୟୁକ୍ତ ମମତା ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଜିଏସ୍‌ଟି ବିଷୟରେ ବୁଝାଇବା ସହ ସରକାରଙ୍କ ନୂତନ ଜିଏସ୍‌ଟି ସଂସ୍କାର ନେଇ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ବ୍ୟବସାୟୀ ସଂଘ କର୍ମକର୍ତ୍ତା ଓ ବ୍ୟବସାୟୀ ପ୍ରମୁଖ ଉପସ୍ଥିତ ଥିଲେ।